ଭକ୍ତକବି ୰ ଦୀନକୃଷ୍ଣ ଦାସଙ୍କ ବିରଚିତ

ନାବକେଳି ।

ଶ୍ରୀ ଦାଶରଥି ଦାସଙ୍କ ଦ୍ୱାରା

ଅଷ୍ଟମବାର ପ୍ରକାଶିତ ।

ପ୍ରାପ୍ତିସ୍ଥାନ

ଦାଶରଥି ପୁସ୍ତକାଳୟ

ବାଲୁବଜାର, କଟକ

ପୋ: ଚାନ୍ଦିନୀଚୌକ

ମୂଲ୍ୟ ୦/ ଏକଅଣା ମାତ୍ର

Digitized by srujan ka@gmail.com

ନାବକେଳି

ଗୋପୀଏ ବୋଇଲେ ଶୁଣ ଗୋ ମିତ । ଦିନେ ଯାତ୍ରା କଲେ ଯଶୋଦାସୁତ
ତା ତହୁଁ ଆମ୍ଭଙ୍କୁ ଆନ ନ ଦିଶେ । କହିଲି ଲୋକର ହିଅ ଉଲ୍ଲସେ ॥
ଯେଉଁ କୃତ୍ୟ କଲେ କରୁଣାସିନ୍ଧୁ । କହିଲେ ଦିସିବ ପରାଣବନ୍ଧୁ ॥
ଏକଦିନକରେ ସର୍ବ ଗୁଆଳୀ । ଗ୍ରବନ୍ଧୁଁ ଉଠି ଦୀପମାନ ଜାଳି ॥
ମଥୁରା ହାଟକୁ ଯିବାର ପାଇଁ । ଦଧି ମନ୍ଥନରେ ପଶିଲେ ଗୋଈ ॥
ସମୁଦ୍ର ପ୍ରାୟେ ଶୁଭେ ଦହିମନ୍ଥା । ଏକାଠରେ ବୁଲେ ପଗୃଣଖୁଅ ॥
କାହିଁ ପାଠିଏ ସଭୁଆଏ କାହିଁ । ଶଏ ବୋଲି କର କଳନା ନାହିଁ ॥
ଯା ଘରେ ଅଧିକ ହୁଏ ଗୋରସ । ତା ଘରେ ବୁଲଇ ଖୁଅ ଦୁଇଶ ॥
ସବୁ ଗୋପୀଙ୍କର ହରଷ ଚିତ୍ତ । ଦଧି ମନ୍ଥନେ ଗାଉଛନ୍ତି ଗୀତ ॥
କେ ବୋଲେ କେଶବ କରୁଣା କହ୍ନା । କୁଞ୍ଜବନୋଦିଅ ପଦ୍ମଲୋଚନା ।
କେ ବୋଲେ ଖେଳାଉଲ ଦଯ୍ୟୁନାଥ । ଖଗ ଆସନ କରୁଣାବାରିଧି ॥
କେ ବୋଲେ ଗୋବିନ୍ଦ ଗୋକୁଳନାଥ । ଗୋପୀମୋହନିଅ ଯଶୋଦାସୁତ
କେ ବୋଲେ ଘାଟୁଆଳ ନବରଙ୍ଗ । ଘନ ଶ୍ୟାମଳିଅ ବରଜସଙ୍ଗ ॥
କେ ବୋଲେ ନାଗର ଶ୍ରୀ ବନମାଳୀ । ନିଧନ ଧନିଅ ରଙ୍କଶଙ୍ଖାଳି ॥
କେ ବୋଲେ ଚନ୍ଦ୍ରମାମୁଖ ଉଜ୍ଜ୍ୱଳ । ଚିତା ପଲଖେ କାଟୁଥାଇ ଚୂଳ ॥
କେ ବୋଲେ ଛଇଲ ନାଗର କହ୍ନା । ଛନ୍ଦ ଶିରୋମଣି ଭକ୍ତଚଧନା ॥
କେ ବୋଲେ ଯାମଳାର୍ଜୁନ ଭଞ୍ଜନ । ଯୁବାସ୍ତ୍ରୀଙ୍କ ଗରବ ଗଞ୍ଜନ ॥
କେ ବୋଲେ ଝୁଲ ଲୋଚଣିର ଜୁଡ଼ା । ଝାଡ଼ବନୋଦିଅ ଝିମିଟିଖେଳା ।
କେ ବୋଲେ ନବୀନ ନବସାଗର । ନୂଆମଦନିଅ ଦନ୍ତନାଗର ॥
କେ ବୋଲେ ନବୀନ ନବସାଗର । ଟେକି ଟପକର ଲବଣୀ ଚୋର ॥
କେ ବୋଲେ ଠା ଠିକ ଗୃହ୍ୱାଣୀବଙ୍କା । ଠଣିବଦନିଅ ମୁରଲୀଫୁଙ୍କା ॥
କେ ବୋଲେ ଡ଼ଙ୍କକୁ ଭଲା ଗାରଡ଼ି । ଡ଼ାକଲେ ଯାଇ ଶେଷବଷ ଉଡି
କେ ବୋଲେ ଢ଼ଳ କହୁଥାଇ ଭୂଷା । ଚାଳେନ୍ଦେଁ ପୂତନା ଜୀବନଶୋଷା
କେ ବୋଲେ ଅନନ୍ତ କଳପତରୁ । ଥିରନ୍ତ ଭକ୍ତ ନ ଯାରଣମେରୁ ॥

Digitized by srujan ka@gmail.com

କେ ବୋଲେ ତପ ଖଣ୍ଡନ ମୁରାରି । ତ୍ରୈଲୋକ୍ୟସୁନ୍ଦର ଜଗତ୍‌ବିହାରୀ ॥
କେ ବୋଲେ ସ୍ଥାଣୁ ଧ୍ୟାନଯୋଗ କଥା । ଥଣ୍ଟଚରା ବ୍ରଜଜୀବନଯୋଗା ॥
କେ ବୋଲେ ଦୀନଦାରିଦ୍ର୍ୟ ଭଞ୍ଜନ । ଦହି ଦୁଧଖିଆ ଦୁଃଖିର ଧନ ॥
କେ ବୋଲେ ନୀପ କୁସୁମଚୂଳିଆ । ବଂଶୀବଦନିଆ ନୀପମୂଳିଆ ॥
କେ ବୋଲେ ନିର୍ଗୁଣ ଗୁଣକବୃନ୍ଦା । ନବୀନସୁନ୍ଦର ତ୍ରିଭଙ୍ଗ ମନ୍ଦା ॥
କେ ବୋଲେ ପ୍ରତ୍ୟୂଷଣ ଭାବ ଭଲ୍ଲ । ପାଣିପାଟୁଆଳ କେଣେଇ ଗଲ୍ଲ ॥
କେ ବୋଲେ ଫୁଲ୍ଲ ବିନୋଦ କହ୍ନାଇ । ଫୁଲ୍ଲକୁଣ୍ଡଳ ପରମୁଣ୍ଡା ଯାଇ ॥
କେ ବୋଲେ ବଂଶୀବଦନ ସୁନ୍ଦର । ବୁଦ୍ଧି ଭୁଲିଆ ମୁରଲୀଅଧର ॥
କେ ବୋଲେ ତରୁଣୀ ଦୃଷ୍ଟିଅଣ୍ଟିଆ । ତେଲା ଚୂଡ଼ାଣିଆ ତେଲ ଥେଣ୍ଟିଆ
କେ ବୋଲେ ମନମୋହନୀଆ ଠାଣି । ମୋହନୀ ଲାଗଇ ଚାହିଁ ଲାବଣି ॥
କେ ବୋଲେ ଜଗତ-ଜନବନ୍ଦନ । ଯୁବାବପୁସିଆ ଯଦୁନନ୍ଦନ ॥
କେ ବୋଲେ ରସିକ ରୂପ କାଳିଆ । ରଙ୍ଗଲୋଚନିଆ ଗୁଞ୍ଜମାଳିଆ ॥
କେ ବୋଲେ ଲକ୍ଷ୍ମୀପତି ବିନୋଦ । ଲୋଭ ଛାଡ଼ ନୁହେ ପରମାନନ୍ଦ ॥
କେ ବୋଲେ ଗିରିଧରପଣିଆ ଗୋଠା । ବିଷ୍ଣୁ ମାୟାଧର ପାବକ ଛଟା ॥
କେ ବୋଲେ ସୁନ୍ଦର ଦେବାଧିରାଜ । ସୁଧା ବଦନିଆ ଗରୁଡ଼ଧ୍ୱଜ ॥
କେ ବୋଲେ ସୁନ୍ଦର ନିମୁଣ୍ଡଜୁଡ଼ା । ଶିରରେ ମୟୂରଚନ୍ଦ୍ରିକା ବେଢ଼ା
କେ ବୋଲେ ସୃଜନ ଜଗତ କଲା । ସନ୍ଥପାଦବୃନ୍ଦା ମହିମା ଭଲା ॥
କେ ବୋଲେ ହରିଙ୍କ ନୁହେ ଉପେକ୍ଷି । ହିଅ ଜଳସଇ ହସିବା ଦେଖି
କେ ବୋଲେ କ୍ଷିତୀଶ ପଦ୍ମଚରଣ । କ୍ଷୁଦ୍ର କୃଷ୍ଣଦାସ ପଶେ ଶରଣ ॥
ବିବିଧ ପ୍ରକାରେ ଗାଆନ୍ତି ଗୀତ । ସବୁ ଗୋପୀଙ୍କର ହରଷଚିତ୍ତ ॥
ଏମନ୍ତେ ସରିଲା ଦଧିମନ୍ଥନ । ସଜ କଲେ ସବୁ ପସରାମାନ ॥
ଏକ ଅନେକ ଡ଼କାଡ଼କି ହୋଇ । ବାହାର ହୋଇଲେ ଘେନିଣ ଦହି
ରାଧିକା ସହିତେ ଯେତେକ ବାଳୀ । ଦଧି ମୁଣ୍ଡାଇ ଯେ ସମସ୍ତେ ଚଳି ॥
ସୁବେଶ ହୋଇଣ ଚଳନ୍ତି ବାମା । ସୁନ୍ଦର ଶୋଭିତ ଅନୁପମା ॥
କଟିକିଙ୍କିଣୀ ବାଜେ ରୁଣୁଝୁଣୁ । ବାହେ ବାହୁଟି ହସ୍ତରେ କଙ୍କଣ ॥
ଦଧି ପସରା ଘେନିଣ ମୁଣ୍ଡର । ବାହେ ଉଡ଼ୁଅଛି ପଡନୀ ଫେର ॥
ସମସ୍ତେ ସମସ୍ତ ଅପୂର୍ବ ରୂପ । ନାକେ ନାକଚଣା ମୁକୁତା ଥୋପ ॥

Digitized by srujan ka@gmail.com

ହେମର ତାଡକା କର୍ଣ୍ଣରେ ଫୁଲ । ଝୁଣ୍ଟିକବନ୍ଧୁକ ନେତ୍ରାନ୍ତ ଅମୂଲ୍ୟ ॥
ଲୋଟଣୀଛନ୍ଦେ କେ କରନ୍ତି ଖୋଷା । ବିବିଧ କୁସୁମ ହୋଇଛି ମିଶା ॥
ହରିଣୀନୟନେ ଅଞ୍ଜନ ରଞ୍ଜେ । ଚରଣେ ନୂପୁର ଅଳତା ସାଜେ ॥
ଗୋପୀଏ ବୋଇଲେ ଶୁଣ ସଙ୍ଗାତ । କହି ନ ସରଇ ସେ ଦିନ କୃତ୍ୟ ॥
ମନ୍ତ ବେଶ ଯେ ହୋଇଣ ଗୋଷ୍ଠି । ଯମୁନା କୂଳକୁ ମିଳିଲୁଁ ଯାଇଁ ॥
ଦଧିପସରାମାନ ଅଛି ମୁଣ୍ଡେ । ରାମ ଗୋବିନ୍ଦ ବୋଲୁଥାଉଁ ତୁଣ୍ଡେ ॥
କହି ନ ପାରଇ ସେ ଦିନ ଛଟା । ଦେଖିଲୁଁ ବଢିଅଛି ନଦୀ ଗୋଟା ॥
ପ୍ରଖର ହୋଇ ବହୁଅଛି ପାଣି । ପୁଞ୍ଜା ପୁଞ୍ଜା ହୋଇ ଭାସୁଛି ଫେଣି ॥
ମହାଲଅ ପାଣି ବହୁଛି ସଙ୍ଗେ । ଲହଡ଼ା ମାରୁଛି ପର୍ବତଉଚ୍ଛେ ॥
ମହାଦା ମାନେ ଯାଆନ୍ତେ ଭାସି । ତହିଁ ଉପରେ ସର୍ପ ଛନ୍ତି ବସି ॥
ଛତ୍ର ଆକାରେ ଟେକିଛନ୍ତି ଫଣା । ଗର୍ଜନ ଶୁଣିଲେ ହେବ ଚେଟଣା ॥
ସମୁଦ୍ର ପ୍ରାୟେ ଶୁଭଇ ଚହଲ । ଶଙ୍କା ସସମ୍ଭ୍ରମ ଅତି ଚହଳ ॥
ଚାହିଁ ନୁହଇ ଭୟଙ୍କର ଦିଶେ । ଭେଳା ଭେଳା ହୋଇ କୁମ୍ଭୀର ଭାସେ ॥
ବେନକୂଳ ଧୀ ଯାଉଛି ମାଡ଼ି । କେଉଁଠାରେ ବନ୍ଧ ଯାଉଛି ଛାଡ଼ି ॥
ଚାହିଁଲେ ପୁଣି ନ ଦିଶଇ କୂଳ । ଚକ୍ରାକୃତ ହୋଇ ବୁଲୁଛି ଜଳ ॥
ନାବ କେରୁଆଳ କାହିଁ ନାହିଁ । ତାଟକା ହୋଇଲୁ ନଦୀକି ଚାହିଁ ॥
ଭରସା କର ତ ନୁହଇ ପଶି । କି କରିବୁ ବୋଲି ଭାବୁଛୁ ବସି ॥
ଦେଖିଣ ସଭିଙ୍କୁ ଲାଗିଲା ବ୍ୟଥା । ଥୋକେ ବୋଇଲେ ଗୋ କେମନ୍ତ କଥା
ଖରତର ସ୍ରୋତ ଯାଉଛି ବହି । ଖରବେଳେ କିପାଁ ବଢ଼ିଲା ନଈ ॥
କେହି ନ କହିଲେ ଆମ୍ଭ ଆଗର । ଜାଣିଲେ ଘରୁ ନୁହନ୍ତୁ ବାହାର ॥
ଅମିଳ ହେଉଛି ମୁହିଁଲା ଦହି । କି ବୁଦ୍ଧି କରିବୁ କହ ଗୋ ସହି ॥
ପଡ଼ିଆ ହେଉଛି ରଜନୀ ଯୋଗେ । କାହିଁ ଭୁଲାଇବା ରାଜାଙ୍କ ଭୋଗେ
ବିକଳ ହୋଇଣ ଯୁବତୀଗଣ । ଭାବୁଅଛୁଁ ଏକଠାବରେ ବସି ॥
ଏମନ୍ତ ବିଚାର କରନ୍ତେ ଏଣେ । ନାବଗୋଟିଏ ଦିଶିଲା ତେଣେ ।
କୃଷ୍ଣ ବୋଲି ତାଙ୍କୁ ନ ଜାଣୁ କେହି । ମାୟାରୂପେ ଛନ୍ତି କେଉଟ ହୋଇ
ଅଣ୍ଟାଳ ଦଉଡ଼ି ବାନ୍ଧିଛି ଟାଣି । ହରିନାବରେ ବହୁଛି ପାଣି ॥
ପାକଲା ନଉଡ଼ି କାନରେ ପାଡ଼ି । ନାବ ପୂର୍ବସଙ୍ଗେ ବସିଛି ମାଡ଼ି ॥

Digitized by srujan ka@gmail.com

କରେଣ ବଇଁଶୀ କଙ୍କଣ ଅଭ୍ରା । ମୟୂରଚନ୍ଦ୍ରର ମଥାରେ ଶୋଭା ॥
ମୀନ ଖାଉଥାଏ ଅଛି ପାଖର । ଜାଲ ପଡ଼ିଅଛି ନାବ ଉପର ॥
ଢ଼ମାଳ କରି ଗୀତ ପଦେ ଗାଇ । ସ୍ଥିରକରି ନାବ ଦେଉଛି ବାହି ॥
ଏତେ ଦମ୍ଭଅ ଗୋ ନନ୍ଦର ବସ୍ତି । ବୃଦ୍ଧ ରୂପ ଧରି ନାବ ବାହୁଛି ॥
ଅଛି ପରପକ୍ଷ ଖାଙ୍କର କେଶ । ଦେଖି ନ ଯୋଗାଏ ଏମନ୍ତ ବେଶ ॥
ବେନି ନୟନରୁ ଯେପରଢ଼ା ବହେ । ବାଙ୍କନୟନେ ଟେରଅଛି ଗୃହେଁ ॥
ଗୋଦଡ଼ ହୋଇଛି ଡାହାଣ ଗୋଡ଼ । ବୁଲୁରେ ପଡ଼ିଛି ପାକଳା ଥୋଡ଼
କଳାଦେହ ତାର ବସ୍ତ୍ରାର ମୋଟି । ଦନ୍ତ ନାହିଁ ବୁଢ଼ା ପାକୁଆ ପାଟି ॥
ବଚନ କହିଲେ କୋମଳ ଭାଷେ । ହସିଲେ ବୃତ ପରପକ୍ଷ ଦଶେ ॥
ତାହା ଦେଖି ଆମ୍ଭେ ଭ୍ରମିତ ହୋଇ । ନାବ ଅଣ ବୋଲି ଡ଼ାକିଲୁ ଗୋଇ
ଜଣେ ଜଣେ ତୋତେ କଉଡ଼ି ଦେବୁଁ । ପାର କରିଦେଲେ ମଥୁରାଯିବୁ ॥
ଅମିଳା ହେଉଛି ବିକା ଗୋରସ । ଆଉ ଘଡ଼ିକେ ସବୁ ଯିବ ନାଶ ॥
ସକାଳ ପହରୁ ଅଛୁଁ ଅନାଇ । ବେଗେ ନାବ ଅଣ କେଉଟଭାଇ ॥
ଅନେକ ପ୍ରକାରେ ଡ଼ାକିଲୁ ତାକୁ । କେବେ ନ ଆସିଲା ଆମ୍ଭ ପାଖକୁ
ବଦନ ଟେକି କର୍ଣ୍ଣଅଛି ବନ୍ଧେ । ଏଣିକି ବୋଇଲେ ଚେଣିଚ ଯାଏ ॥
କାଲି ଯେସନେ ଥାଇ ପାଶେ ରହି । ଡ଼ାକି ଡ଼ାକି ମଲେ ଶୁଣଇନାହିଁ ॥
ଅମ୍ଭେତ ଷୋଳସହସ୍ର ମୃଗାକ୍ଷୀ । ବୟସ ଗରବେ ନ ଜାଣୁ କିଛି ॥
ମନେ ତାପ କରି ଅତି ଧିକ୍କାରେ । ଗାଳିଦେଲୁ ତାକୁ ନାନାପ୍ରକାରେ ॥
ପଡ଼ି ନ ମଲୁରେ ଜାଡ଼ୁଅ ଗୋଧା । କାଲି ହୋଇଲୁ କି ଆରେ କେଉଟା
ଡ଼ାକି ଡ଼ାକି ଅମ୍ଭେ ମରୁଛୁଁ ଏଣେ । ସର୍ପ ଖାଉ ତୋର ବେନି ଶ୍ରବଣେ ॥
ଦଇବ ଯେମନ୍ତ ହୋଇବ ସତ । ବୁକୁରେ ତୋର ମାଡ଼ିବସୁ ଭୂତ ॥
ନାବ ମଙ୍ଗଖଣ୍ଡ ପଡ଼ିବ ଛିଡ଼ି । ମଝି ନଈରେ ତୁ ମରିବୁ ବୁଡ଼ି ॥
ଅଣ୍ଟାଳ ଦଉଡ଼ି ଛିଡ଼ିଣ ଯାଉ । ନାବ ବୁଡ଼ୁ ତୋତେ କୁମ୍ଭୀର ଖାଉ ॥
ଏକମୁଖ ହୋଇ ସର୍ବ ଗୁଆଳୀ । ନାନାପ୍ରକାରେ ଦେଉଅଛୁ ଗାଳି ॥
ଏମନ୍ତେ ଶ୍ରୀକୃଷ୍ଣ ତା ଲୟୁକଲେ । କେ ତୁମ୍ଭେ ବୋଲିଣ କୋପେବୋଇଲେ
ଦଦରା ନାବରେ ଅଛଇ ଚଢ଼ି । କାହିଁକି ମରୁଛ ବୋବାଳି ପାଡ଼ି ॥
ଆମ୍ଭେ ତ ତୁମ୍ଭର ଚାକର ନୋହୁ । ମୀନ ମାରିବାକୁ ନଦୀରେ ଥାଉ ॥

Digitized by srujan ka@gmail.com

ଗୀତ ବରତନ ଦେଇନ୍ତୁ କେତେ । କାହ୍ନୁଙ୍କ ତେଜ ଲୋ ବାଢ଼ୁଛୁ ଏତେ
ଗୋପୀଏ ବୋଇଲେ ତରୀର ଗୀର । ଉତପତ କଥାକୁ ଚନ୍ଦ୍ର କପାଇଁ ॥
ତୋହ୍ଲ ଦୁଃଖମୂଳ କହୁଥିଲେ ଦେବୁଁ । ପାର କରଦେଲେ ମଥୁରା ଯିବୁ ॥
ପଣେ ପଣେ ଦେବେ ଅଣ୍ଟାଇ ସିନା । କାହ୍ନୁଙ୍କ ଭାଙ୍ଗୁଛୁ କେଉଁଠ ନନା ॥
ତୋହ୍ଲ ପେଟ ଭାତ ନ ଦେବୁଁ ନନ୍ଦ । ବେଗେ ପାରକର ସବୁ ଗୋପୀଙ୍କି
ଶ୍ରୀକୃଷ୍ଣ ବୋଇଲେ କେମନ୍ତ ଯିବ । ଭାର ନ ସହିବ ଦଦରା ନାବ ॥
ଜଣେ ଜଣେ ହୋଇ ଯାଅ ଗୋ ବସି । ଅଧିକ ଲୋକଙ୍କୁ ନୁହେ ଭରସି
ଦଇବେ ଷୋଳସହ୍ର ଗୋପନାରୀ । ଯାନ୍ ଯଉବନେ ହୋଇଛ ଭାର ॥
ନାବ ଭାଙ୍ଗିଗଲେ କପ କରବ । ତୁମ୍ଭ ସଙ୍ଗତରେ ବୁଡ଼ି ମରବ ॥
ତୁମ୍ଭେମାନେ କିଛି ନ ଜାଣି ଥିବା । ଆମ୍ଭ କଥା ଅମ୍ଭେ ମେଣ୍ଟାଇ ଥିବା
ରାଧିକା ବୋଇଲେ ମୁଁ ଆଗ ଯିବ । ଦଧି ଓହ୍ଲାଇ ଟେଣେ କୂଳେ ଥିବ ॥
ନନ୍ଦ ଭୁମରଙ୍କୁ ମୋହର ଭୟ । ନଣ୍ଡ ଅସୂଆ ଦେବାଧିରାୟ ॥
ସେ ମୋର ଭଣଜା ମୁଁ ତାର ମାଇଁ । ତାହାର ମୋହର ପଡଇ ନାହିଁ ॥
ବାଟେ ଦେଖିଣ ଓଗାଳଇ ଅଗ । ଦଣ୍ଡ ଭାଷା କହି ମେଲଇ ରଙ୍ଗ ॥
ଟେଣୁ କର ମୋର କମ୍ପଇ ତନୁ । ଏହିକ୍ଷଣି ନଣ୍ଡ ଥଇଲା କାହ୍ନୁ ॥
ଶ୍ରୀକୃଷ୍ଣ ବୋଇଲେ କହିଲୁ ଯେତେ । ତୋହ୍ଲ କଥା ରାଧା ଲାଗଇ ମୋତେ
ଦଇବେ ନଷ୍ଟଅ ନାଗର କନ୍ଧା । ଯୁବା ସ୍ତ୍ରୀଙ୍କର ଜୀବନ ଯେନା ॥
ଗୁରୁ ଗଉରବ ତା ତହିଁ ନାହିଁ । ଦମ୍ଭ ଉପରୋଧ ନ କରେ ସେହି ॥
ଅମ୍ଭର ତାହାକୁ ଭୟ ଅପାର । ଲୁଚ ବୁଲୁଥାଏ ତାହାର ଡ଼ର ॥
ବଡ଼ ଦୁରୁଜନ ନନ୍ଦତନୟ । ତୁମ୍ଭ ତନ୍ତୁ ମୋର ତାହାକୁ ଭୟ ॥
ନାବ ଉପରେ ଗୋ ଅଛଇ ବସି । ଏହିକ୍ଷଣି ନଣ୍ଡ ଦେଖଇ ଆସି ॥
ଦଦରା ନାବ ମୋ ଜୀବିକା ସିନା । ବାଡଏ ପିଟି କରଦେବ ଚୂନା ॥
ପୋଡ଼ୁ ଏ ଠାବରେ କେହି ନ ଥିବା । ଏଣିକୂଳ ଛଡ଼ି ଟେଣିକି ଯିବା
ଏତେ ବୋଲି ନାବ ଦେଲେ ଘୁଞ୍ଚାଇ । ଚନ୍ଦ୍ରମୁଖୀ ନାବ ଧଇଲେ ଯାଇ
କାହ୍ନୁଙ୍କ ଯାଉଛୁ କେଉଁ ନନା । ମୋତେ ମାଜକ ପାରକର କନା ॥
ଦଇନୀ କର ମୁଁ କହୁଛି ତୋତେ । ଦକ୍ଷେ ତରଣ ଯେନଯାଅ ମୋତେ
କୃଷ୍ଣ ବୋଇଲେ ଗୋ ବଦନ ଆସ । ନାବଉପରେ ଗୋ ବଦନ ବସ ॥

Digitized by srujan ka@gmail.com

ଶୁଣି ରାଧିକା ହରଷ ମନରୁ । ମେଲାଣି ମାଗିଲା ସଖୀମାନଙ୍କୁ ॥
ପହଣ ପଟ୍ଟାରେ ପସରା ଥୋଇ । ସ୍ଥିର ହୋଇ ନାବେ ବସିଲା ଯାଇ ॥
ଗୋପୀଙ୍କୁ ବୋଇଲେ ସେ ଗଙ୍ଗାଧର । ତୁମ୍ଭମାନଙ୍କୁ ଯେ କରିବା ପାର ॥
ଏମନ୍ତ ବୋଲିଣ ଶ୍ରୀ ବାସୁଦେବ । ମଝି ନଦୀକି ବାହିଦେଲେ ନାବ ॥
କୃଷ୍ଣ ମାୟାଧର କଲେ କୁହୁଡ଼ି । ଅକାଳ କୁହୁଡ଼ି ଅଇଲା ମାଡ଼ି ॥
ଅସମ୍ଭବ କଥା ଗୋଚର ନୁହେ । ଦିବସେ ଦିଶିଲା ଅନ୍ଧାରମୟେ ॥
ଦୂର କଥାମାନ ତେଣିକି ଥାଉ । ବାହାକୁ ବାହା ନ ଦିଶଇ ଆଉ ॥
ନାବ ପବମଙ୍ଗେ କୃଷ୍ଣ ବସିଲେ । ରାଧିକାକୁ ଆଉ ଦୃଶ୍ୟ ନୋହିଲେ ॥
ଚନ୍ଦ୍ରବଦନୀ ଯେ ମନେ କାତର । ବୋଇଲା ନଷ୍ଟେ ମୁଁ ମଲି ଏଥର ॥
ଅକାଳେ ମୋ ଶିରେ ବଜ୍ର ପଡ଼ୁଛି । ମଝି ନଈରେ ମୋ ଭେଳା ବୁଡ଼ୁଛି ॥
ଆଗପଛ ହୁଇ ବିଚାର ନାହିଁ । ଭଙ୍ଗା ନାବରେ ବସିଲି କପାଇଁ ॥
ନାବ ବୁଡ଼ି ମଙ୍ଗ ଯାଉଛି ଫାଟି । ପାଣି ପଶୁଅଛି ବିବର ଫୁଟି ॥
ସଙ୍ଗେ କେହି ନାହିଁ ସଖୀ ସୋଦର । ଦୀନବନ୍ଧୁ ମୋତେ ବାରେ ଉଦ୍ଧର ॥
ସଖୀମାନଙ୍କୁ ଯେ ଅଇଲି ଛାଡ଼ି । ମଝି ନଈରେ ମୁଁ ମରୁଛି ବୁଡ଼ି ॥
ଯେଉଁ କେଉଟ ବାହୁଥିଲା ନାବ । ସେହି କେଣେ ଗଲା ନ କରି ଠାବ ॥
ବୃଦ୍ଧ ଲୋକ ସେନା ଡରସ୍ତେ ମଲା । ନାଉଁ ଥିବା ତାକୁ କୁମ୍ଭୀର ନେଲା ॥
ନୋହିଲେ ତାହାର କର୍ମ ଅବଳ । ପାଦ ଖସି ଯାଇ ପଡ଼ିଲା ଜଳ ॥
ପ୍ରଖର ସ୍ରୋତ ଅଗାଧ ପାଣି । କେଣେ ଭାସିଗଲା କେହି ନ ଜାଣି ॥
ବିଧାତା ପୁରୁଷ ଏମନ୍ତ କଲା । ମୋତେ ନାଶ କରି ଆପଣେ ମଲା ॥
ଭଲା ଯୋଗେ ଆଜ ଘରୁ ଅଇଲି । ପୁରୁଷ ହତ୍ୟା ପାତକ ପାଇଲି ॥
ପୁଣି ବିଚାରଇ ଶଶାଙ୍କମୁଖୀ । ବୁଢ଼ା ବୁଢ଼ା ବୋଲି ଡ଼ାକଇ ଦେଖି ॥
ଭଲ ମନ୍ଦ କଥା ନ ଜାଣେ କିଛି । କେଉଁ ଠାରେ ଥିବା ଶୋଇ ପଡ଼ିଛି ॥
କୁଟୁମ୍ବ ଲୋକଙ୍କୁ ଅନାଥ କଲୁ । ମୋତେ ନାଶ କରି ଆପଣେ ମଲୁ ॥
ଭଙ୍ଗାନାବ ତୋର ଯାଉଛି ଫାଟି । ପାଣି ପଶୁଅଛି ବିବର ଫୁଟି ॥
କାହିଁ ପଳାଇବି କିସ କରିବି । ଏହିକ୍ଷଣେ ଜଳ ବୁଡ଼ି ମରିବି ॥
ଏମନ୍ତେ ରାଧାର ବିକଳ ଚିତ୍ତ । ମନରେ ଜାଣିଲେ ଦେବ ଅଚ୍ୟୁତ ॥
କେରୁଆଳ ଧରି ଅନନ୍ତରୂପୀ । ରାଧାକୁ ବୋଇଲେ କି ବୋଲ ଗୋପୀ ॥

Digitized by srujan ka@gmail.com

ଥମ୍ଭ ପୂର୍ବେ ଅମ୍ଭେ ନଦୀ ଯାଉଛୁ । ଗାଳ ଦେଇ ତୁଟୋ ଦୂର ବୋଲୁଛୁ
ରାଧିକା ବୋଇଲେ କେଉଟ ଭାଇ । ଉଚିତ କଥାକୁ ଚଳୁ କିପାଇଁ ॥
ଶ୍ରୀକୃଷ୍ଣ ବୋଇଲେ ଜଣା ନାହିଁ କି । ଯାହା ଅରଜଛ ଲୁଣ୍ଠି ବଟକ ॥
ଦଇବେ ମୋହର ନାବ ଦଦରା । ତହିଁକି ହୋଇଛୁ ବିଷମ ଭାର ॥
ତୁମ୍ଭେ ଗଉଡୁଣୀ ନ ପାଅ ଲାଜ । ଅନବରତେ ହୋଇଥାଅ ସଜ ॥
ଯେତେ ଅଳଙ୍କାର ହୋଇଛ ସାଜ । ଭଙ୍ଗା ନାବ ବୋଝା ନ ଯିବ ଭାଜ ॥
ତୋତେ କି ବୋଲିବା ନ ଜାଣୁ ଏହା । ଜଳ ଦେବତାଙ୍କୁ ନମାନ ଯାହା
ମଝି ନଈରେ ଗୋ ନ ପାର ଡ଼ଙ୍କା । ସବୁ ଅଳଙ୍କାର ପାଣିକି ପକା ॥
ତେବେ ସେ ହୋଇବ ସୁଫଳ କାର୍ଯ୍ୟ । ନୋହିଲେ ନିଶ୍ଚୟ ମରିବ ଆଜ
ଶୁଣି ଚନ୍ଦ୍ରମୁଖୀ ବିକଳ ମନ । ଅଙ୍ଗରୁ କାଢ଼ିଲା ସବୁ ଭୂଷଣ ॥
ହେମର ତାଟକା କଣ୍ଠିର କାପ । ନାଶିକା ବେଣୁଆ ମୁକୁତା ଥୋପ ॥
ପାଦରୁ ନୂପୁର ରୁପା ଝୁଣ୍ଟିଆ । କଣ୍ଠରୁ କାଢ଼ିଲା ସୁନା ଫାସିଆ ॥
ଭୁଜରୁ କଙ୍କଣ କାଢ଼ିଲା ଗୁହିଁ । ଦଧି ଗୁଣ୍ଡରେ ଥୋଇଲା ନେଇ ॥
ବୋଇଲେ ଭାଇ ଅବଧାନ ହୁଅ । ନାଶ ନ ଯାଉ ତୁମ୍ଭେ ପଛେ ନିଅ ॥
ଶ୍ରୀକୃଷ୍ଣ ବୋଇଲେ ଶୁଣ ଲୋ ଗୋପୀ । ନିଶ୍ଚୟ ଜାଣିଲି ତୁ ବଡ଼ ପାପୀ
ଗଙ୍ଗା ଦେବୀଙ୍କର ଏ ଅଳଙ୍କାର । ମୁଁ ତାହା କେମନ୍ତେ କରିବି ପାର ॥
ଭଲ ମନ୍ଦ କିଛି ନ ଜାଣ ଗୋଇ । ଜୀବଥିଲେ ଧନ କୋଟିଏ ପାଇ ॥
ରାଧିକା ବୋଲେ ଅମୂଲ୍ୟ ରତନେ । ଦେବତାମାନେ ଲୋଡ଼ନ୍ତି ଯତନେ
କେମନ୍ତେ ପାଣିରେ ଦେବି ପକାଇ । ସତ ନ ବୋଲଇ କେଉଟ ଭାଇ ॥
ମୋତେ ଏଥୁ ପଛେ କିଛି ନ ଦିଅ । ନାଶ ନ ଯାଉ ତୁମ୍ଭ ପଛେ ନିଅ ॥
ଶ୍ରୀକୃଷ୍ଣ ବୋଇଲେ ଶୁଣ ଗୋ ରାଧା । ଧନକୁ ମୋହର ନାହିଁ ଶରଧା ॥
ତୁମ୍ଭ ଶୁଭେ ଯେବେ ନିଶ୍ଚିନ୍ତ ଥିବୁ । ତୋ ଦୟାରେ ମୋତେ ମିଳିବ ସବୁ
ଶୁଣି ରାଧିକାର ଉଡ଼ିଲା ମନ । ଜିହ୍ୱା । କାମୋଡ଼ି ଛୁଇଁଲା ଶ୍ରବଣ ॥
ବୋଇଲା ତୁ ଏଡେ ପାମର ମୂଢ଼ା । କି ଭାଷା ବୋଲୁଛୁ କେଉଟ ବୁଢ଼ା
କେଉଟ ହୋଇ ତୁ ଏଡ଼େ ଭରସା । ଆଉ ବେଳେ ତାହା ତୁଣ୍ଡେ ନ ବସା
ଲୋକେ ଜାଣିଲେତ ସହଜେ ମର । ଜାତି ହରାଇବ କେମନ୍ତ କର ॥
ବଡ଼ ଲୋକର ମୁଁ ଅଟଇ ବୋହୂ । କେଉଟ ହୋଇ ତୁ ଏ ଭାଷା କହୁ

Digitized by srujan ka@gmail.com

କୃଷ୍ଣ ବୋଇଲେ ଗୋ ଶୁଣ ଯୁବତୀ । ମୋ ଚିତ୍ତେଁ ତୋରକେତେବଡ଼ଜାତି
କେଉଁଠି ବୋଲି ମୁଁ ନ ପାଏ ଲାଜ । ନନ୍ଦପୁଅ ମୁଁ ଯେ ଦେବାଧିରାଜ ॥
ତୋତେ ଦେଖି ମୋର ବଳିଲା ଆଶ । ତେଣୁ ଧଇଲି ମୁଁ ତରୀଇ ବେଶ
ଯାହା ଇଚ୍ଛା କରୁ ଯୁବତୀ ଗୋଟି । ତହିଁ ପାଇଲେ ମୁଁ ସେହି କାହ୍ନୁଟି ॥
ଏହା ଶୁଣି ବୋଲେ ରାଧା ସୁନ୍ଦରୀ । ମଲ୍ଲି କଳା ବୁଢ଼ା କଥା ଚାତୁରୀ ॥
ପିଠିରେ ଶୋଭଇ ଧବଳ କେଶ । ଆଖି ଦୁଇଗୋଟି ହୋଇଛି ଟେରା ॥
ପାଚିଲା ମୁଖରୁ ପାଚିଲା ଦାଢ଼ି । କନା ଖଣ୍ଡେ ଅଛୁ କଟିରେ ଭିଡ଼ି ॥
ଗୋଡ଼ ଗୋଦରି ଦେହ ତୋର ମୋଟା । ଦାନ୍ତନାହିଁ ବୁଢ଼ାପାଳୁଅଗୋଟା
ବଙ୍କା ହୋଇ ଆଉ ନ ପାରୁ ଚାଲି । ମୋତେ ଭଣ୍ଡୁଅଛୁ ଶ୍ରୀକୃଷ୍ଣବୋଲି ॥
କୋଟି ମଦନ ଯା ରୂପଗଞ୍ଜନ । ତୁ ହାଦେ ବୋଲୁ ନନ୍ଦପୁଅ କାହ୍ନ ॥
ନନ୍ଦପୁଅ ବୋଲି ଭଣ୍ଡୁଛୁ କିନା । ନାମ ଥିବା ତୋର ତରୀଇ କହ୍ନା ॥
ଆମ୍ଭର ଶ୍ରୀକୃଷ୍ଣ ଏମନ୍ତ ରୂପ । ଗୋପୀମାନଙ୍କର ଅମୀୟ କୂପ ॥
ପଟାନ୍ତର ନାହିଁ ପ୍ରଭୁ ପଣକୁ । ଇନ୍ଦ୍ର ସରି ନୋହେ ପାଦତଳକୁ ॥
କୋଟିଲକ୍ଷ୍ମୀ ଯାହା ଚରଣେ ଥିବ । ସେ କିପାଁ ନଦୀରେ ନାବ ବାହିବ ॥
ବେଲ୍ଲିରେ ବାକ୍ରତ ଅଟଇ ଯାନ । ତାକୁ ଦଅଇ କେ ଏ ବୁଦ୍ଧିମାନ ॥
ତୁ ଏବେ ଧରିଛୁ ଏମନ୍ତ ବେଶ । ତୋତେଦେଖି ମୋତେ ମାଡ଼ୁଛି ହସ
ଶ୍ରୀକୃଷ୍ଣ ବୋଇଲେ ଶୁଣରେ ସଖି । ସତ ମିଛ କଥା ବୁଝି ବିଚକ୍ଷ ॥
ମୋର ତୁଣ୍ଡେ ମିଛ ନ ଥାଇ ଜାଣ । ମାମୁଙ୍କ ଶପଥ ମାଈଁଙ୍କ ରାଣ ॥
ରାଧିକା ବୋଇଲେ ତରୀଇ ଭାଇ । ଏଡ଼େ ରାଣ ତୋର କି କଥା ପାଇଁ
ନିଶ୍ଚୟ ତୁ ଯେବେ ଯଶୋଦା ପୁଅ । ସୁନ୍ଦର ବଦନେ ପ୍ରକାଶ ପାଅ ॥
ବଡ଼ିମା କରି ତୁ କହୁଛୁ କେତେ । ନିଜରୂପ ତୋର ଦେଖାଅ ମୋତେ
ଶ୍ରୀକୃଷ୍ଣ ବୋଇଲେ ଅନାଇ ଥାଅ । ରୂପ ଦେଖି ମୂର୍ଚ୍ଛାଗତ ନ ହୁଅ ॥
ଶରଧା ଯେବେ ଗୋ ବଳିଲା ମିତ । ନୟନ ବୁଜ ସ୍ମରି ଦକର ଚିତ୍ତ ॥
ଶୁଣି ଚନ୍ଦ୍ରମୁଖୀ ନୟନ ବୁଜି । ଗୋବିନ୍ଦ ନାମ ମନେ ମନେ ହେଜି ॥
ରାଧାକୁ ବୋଇଲେ ଏବେ ତୁ ଅନା । ତୁ ଯେ ବୋଲୁ ମୋତେ ନନ୍ଦର କହ୍ନା
ଶ୍ରୀକୃଷ୍ଣ ବଚନ ଶୁଣିଣ ରାଈ । ନୟନ ଫେଡ଼ି ବେଗେ ଦେଲା ଚାହିଁ ॥
ପ୍ରତ୍ୟକ୍ଷ ଦେଖିଲା ଶାରଙ୍ଗଧର । ନମସ୍କାର ବୋଲି ଯୋଡ଼ିଲା କର ॥

Digitized by srujan ka@gmail.com

ଶୁଣି ବର ରାଧା କହେ ବଚନ । କ୍ରୋଧ କଲ ପ୍ରଭୁ ଦୋଷ ନ ଘେନ
କୃଷ୍ଣ ମାୟାଧର ଯେ ବାସୁଦେବ । ମୁଁ ତାହା କେମନ୍ତ କରିବ ଠାବ ॥
ନ ଜାଣି ପ୍ରତିଜ୍ଞା କଲି ମୁଁ ଗାଢ଼ । ସ୍ତିରୀ ଜନ୍ମ ସିନା ସ୍ୱଭାବେ ମୂଢ଼ ॥
ତୋ ରୂପ ଦେଖିଣ ଦେବାଧିରାଜେ । ମଦନବାଣ ମୋ ଅଙ୍ଗରେ ବାଜେ
କାମସାଗରୁ କର ମୋତେ ତ୍ରାହି । ବେନି ପାଦ ଧରି ପଡ଼ିଲା ରାହି ॥
ଶ୍ରୀକୃଷ୍ଣ ବୋଇଲେ ଶୁଣ ଗୋ ମିତ । ଏବେ କାହିଁପାଇଁ ଏଡ଼େ ଉସତ
ରାଧିକା ବୋଇଲେ ମହିମାମେରୁ । କ୍ଷଣକ ଭିତରେ ହସ ନ କରୁ ॥
କାମବାଣେ ହୃଦ ଯାଉଛି ଫାଟି । ତ୍ରାହି କର ପ୍ରଭୁ ନିଷ୍ଠେ ମଲିଟି ॥
ଶ୍ରୀକୃଷ୍ଣ ବୋଇଲେ ଆରତ ନୁହ । ବାଞ୍ଛା ପୂର୍ଣ୍ଣ ହେବ ସୁସ୍ଥିର ହୁଅ ॥
ତୋହର ମନକଥା ଜାଣଇ ରାଧା । ମୋତେ ହିଁ ମଦନ ଦେଉଛି ବାଧା ॥
ଉଠ ଉଠ ସଖି ନ ପାଅ ଲାଜ । କୋଳରେ ଧଇଲେ ଦେବାଧିରାଜ ॥
ବିବିଧ ରଙ୍ଗରେ ତୋଷିଲେ ମତି । ସନ୍ତୋଷ ହୋଇଲେ ଯେ ରସବତୀ
ସରିଲା ରାଧା ମାଧବ ବିହାର । ଲାଜେ ପଳାଇଗଲା ପଞ୍ଚଶର ॥
ଗୋପୀଏ ବୋଇଲା ଶୁଣ ମିତଣି । ବଡ଼ ମାୟାଧର ଶାରଙ୍ଗପାଣି ॥
ଯଶୋଦାପୁଅର ମହିମା ଭଲା । ସେହିଠାରେ ପୁଣି ବୁଦ୍ଧି ଏ କଲା ॥
ରାଧାଙ୍କୁ ବୋଇଲେ କୂଳକୁ ଯାଅ । ସାଙ୍ଗ ସଖୀ ଆଣେ ସେ କୂଳେଥାଅ
ସଖୀମାନଙ୍କୁ ତ ଆଣିବା ନିକ । କେତେବେଳେ ଯିବ ଗୋରସ ବିକ ॥
ଏମନ୍ତ ବୋଲିଣ ଶ୍ରୀବାସୁଦେବ । ମଧ୍ୟ ନଈରୁ ବାହି ଦେଲେ ନାବ ॥
ଚତୁର୍ଦ୍ଦିଗମଧ୍ୟ ଦେବାଧିତଣ । ସେଠାରେ ପୁଣ ହେଲେ ଅନ୍ତର୍ଦ୍ଧାନ ॥
ବ୍ରହ୍ମା ଯାହା ନାମ ଘୋଷଇ ବସି । କ୍ଷୁଦ୍ର କୃଷ୍ଣଦାସ ତା ପାଦେ ରସି ॥
ତ୍ରିଭଙ୍ଗୀମୂରତି ଧରି କହ୍ନାଇ । ନିକୁଞ୍ଜ ବନରେ ମିଳିଲେ ଯାଇ ॥
ଅତ୍ୟନ୍ତ ସୁନ୍ଦର ରୂପ ଧଇଲେ । ନୂଆମଦନ କି ମୋହି ଅଇଲେ ॥
ରୂପ ଦେଖି ମୁନି ଦେବେ କାତର । ଯୁବତୀ ଜୀବନ କେତେ ମାତର ॥
ସବୁ ଗୋପୀଏ ଅଟମ୍ଭେ ବସିଅଛନ୍ତି । ସେଠାରେ ମିଳିଲେ କମଳଚକ୍ଷୁ ॥
ହସ ହସ ହୋଇ ଦେବ ଶ୍ରୀବତ୍ସ । ବୋଇଲେ ଦଧି ତ ବିକି ବସିଛ ॥
ଗୋପୀଏ ବୋଇଲେ ଶୁଣ ମାଧୋଇ । ଖରାବେଳେ କିପାଁ ବଢ଼ିଲା ନଈ
ଗୋଚର ନୁହଇ ଏ କଥା ବାରୁ । କୁଳକୂଳ ନାହିଁ କେମନ୍ତେ ଯିବୁ ॥

Digitized by srujan ka@gmail.com

ଭଙ୍ଗା ନାବ ଖଣ୍ଡେ ନଦୀରେ ଥିଲା । ଅଗ ହୋଇ ତହିଁ ରାଧିକା ଗଲା
ତଗାଇ କଥା ତୁ ଶୁଣ କହ୍ନାଇ । କେଡ଼େ ପରପଞ୍ଚ ଦେଖିବା ନାଇଁ ॥
ପାଚିଲା ଦାଢ଼ି ତା ନୟନ ଢେଢ଼ା । ପିଠିଅଡେ କୁଜ ଗୋଡ଼ ଗୋଦଡ଼ା
ଅମ୍ଭଙ୍କୁ ବୋଇଲା କୂଳରେ ଥାଅ । ଜଣେ ଜଣେ ବସି ସମସ୍ତେ ଯାଅ ॥
ଏତେ ବୋଲି ନାବ ବାହୁଣ ଦେଲା । ଚନ୍ଦ୍ରବଦନୀଙ୍କ ଭଣ୍ଡାଇନେଲା ॥
ଭାଳି ଅମକୁ ନ ଦଶଇ ବାଟ । କି ବୁଦ୍ଧି କରିବୁ ନନ୍ଦର ଘଟ ॥
ଶୁଣି ଦୟାନିଧି ମନେ କାତର । ଜିହ୍ବା କାମୁଡ଼ିଲେ ଶାରଙ୍ଗଧର ॥
ଢାଟକା ହୋଇଣ ଶ୍ରୀବନମାଳୀ । ଭୂମିରେ ପଡ଼ିଲେ ମିଛେ ଦେହ ଢଳି ॥
ଗୋପୀଙ୍କି ବୋଇଲେ ତୁମ୍ଭେ ନ ମଲ । ମୋର ମାଇଁବ ଗୋ ଏମନ୍ତ କଲ
ଆଉ କାହିଁ ତାର ପାଇବା ଭେଟ । ରାଧାକୁ ନେଲା ସେ ବୁଢ଼ା କେଉଟ ॥
ଏତେ କରମ ଗୋ କପାଳଁ କଲ । ସାଙ୍ଗରେ କପାଇଁ ଜଣେ ନ ଗଲ
ନାରାୟଣ ଲୋଭ କରେ ଯାହାକୁ । ବୁଢ଼ା କେଉଟ ନେଇଗଲା ତାକୁ ॥
ତୁମ୍ଭମାନଙ୍କୁ ଗୋ ଲାଜ ନାହିଁକି । ଚୋର ନେଇଗଲା ମୋର ମାଇଁକି ॥
ତୁମ୍ଭେମାନେ ଏବେ କରିବ କସ । ଅମ୍ବିଳା ହୋଇଲା ବିକା ଗୋରସ ॥
ମଥୁରାବାଟକୁ ଯାଅ ଯା ବିକି । ମାମୁଁ ଆଗେ ଅମ୍ଭେ କହିବୁ ଟିକି ॥
ଆପଣେ ଲିଙ୍ଗାସ ପରର କଥା । ଜାଣି ନ କହିଲେ ଅମ୍ଭଙ୍କ ବ୍ୟଥା ॥
ଗୋପୀଏ ବୋଇଲେ ଶୁଣରେ ବାବୁ । ତୋହସଙ୍ଗେ ଅମ୍ଭେ ବାହୁଡ଼ି ଯିବୁ
ସାଙ୍ଗରୁ ତ ଯେବେ ଗଲା ରାଧିକା । ଆଜଇ ଗୋରସ ହେଉ ଅବିକା ॥
ତହିଁକି ବଢ଼ିଛି ଯମୁନା ନଈ । ଯୁବାସ୍ତ୍ରୀଏ ଯିବୁ କେମନ୍ତ ହୋଇ ॥
ଶ୍ରୀକୃଷ୍ଣ ବୋଇଲେ ଭାଳ କାହିଁକି । ଭଲ କଥା କିଆଁ କହୁଛ ନକି ॥
ନଦୀ ବଢ଼ିବାକୁ ଭୟ ନ ପାଅ । ମୁଣ୍ଡେ ବୋଝ ଦେଇ ପହଁର ଯାଅ ॥
ଗୋପୀଏ ବୋଇଲେ ଶୁଣ ଶ୍ରୀବତ୍ସି । ବାଳୁତ ପୁଅ ତୁ ନ ଜାଣୁ କିଛି ॥
ବୁଢ଼ି ମରିବାକୁ କରୁଛୁ ପନ୍ଥା । ଯେତେ କଥା କହୁ ଅଲଣା କନ୍ଥା ॥
ଶ୍ରୀକୃଷ୍ଣ ବୋଇଲେ ଶୁଣ ଗୁଆଳୀ । କାହିଁପାଇଁ ମୋତେ କର ଢମାଳୀ ॥
ଜାଣନ୍ତିକି ମୋର ଅନ୍ତର ବାମା । ଜଳ ସ୍ଥଳ ମୋତେ କହୁଛ ସମା ॥
ଏକା ଫୁଙ୍କାଏ ଦେବି ମନ୍ତ୍ର ପଢି । ଯମୁନା ପାଣି କେଣେ ଯିବ ଉଡ଼ି ॥
ଜଳ ଶୁଖି ଯାଇ ଦିଶିବ ବାଲି । ତୁମ୍ଭେ ସୁଖେ ଯିବ ନଦୀରେ ଚାଲି ॥

Digitized by srujan ka@gmail.com

ଗୋପୀ ବୋଇଲେ କି ତୁ ନୋହୁ ବଡ଼ । ଧାଇଲେ ତୁ ବାବୁ ସଙ୍କଟ ଫେଡ଼
କୃଷ୍ଣ ବୋଇଲେ ଗୋ ଶୁଣ ତରୁଣୀ । କଥାଏ ମାଗିଲେ ନ ଛଳ ପୁଣି ॥
ଯେଉଁ ମନ୍ତ୍ର ଗୋ ଶିଖିଛୁ ମୁହିଁ । ଲକ୍ଷ ନ ପାଇଲେ କାଟଇ ନାହିଁ ॥
ନୂଆ କର ଅମ୍ଭେ ପଢ଼ିବା ଅଜ । ନିଷ୍ଫଳ ହୋଇଲେ ନୁହଇ କାର୍ଯ୍ୟ ॥
ତାଳ ମାର ପୁଣି ହସିବ ତୁମ୍ଭେ । ଗୁରୁନିନ୍ଦା ପୁଣି ପାଇବା ଅମ୍ଭେ ॥
ଅଳପ ଚକ୍ଷୁତ ନାହିଁ ନୋହିବ । ଏତେକେ ମନ୍ତ୍ର ସିଦ୍ଧି ପାଇବ ॥
ଗୋପୀଏ ବୋଇଲେ ଶୁଣରେ ବାବୁ । ତୋତେ ପୁଣି ଅମ୍ଭେ କି ଲକ୍ଷ
ଶାଶୁଘରେ ଥାଇ କେଉଁ ଗରବ । କାହ୍ନୁ ଉଥଇବୁ କେଉଁ ଦରବ ଦେବୁ
ଉଥଣ କରିବା ପଦାର୍ଥ କାହିଁ । ନେବା ଅଣିବାକୁ କଷ୍ଟ ତ ନାହିଁ ॥
ଏଠାକୁ ଅଣିବୁ କେଉଁ ଦରବ । ଦଧି ବିକିବାରେ ଅସିଛୁ ସର୍ବ ॥
ଶ୍ରୀକୃଷ୍ଣ ବୋଇଲେ ଅଳପ କଥା । କାହାର ଦେହକୁ ନୋହିବ ବ୍ୟଥା ॥
ତୁମ୍ଭ ଅମ୍ଭ କଥା ଦୁଇ ମେଳକୁ । କଥା ରହିଥିବ କାଳକାଳକୁ ॥
ଗୋପୀଏ ବୋଇଲେ ମାଗିଲୁ ଯାହା । ଫେଡ଼କର କ୍ଷମା ନ କହୁ ତାହା
ଶ୍ରୀକୃଷ୍ଣ ବୋଇଲେ ଯାହା ମାଗିବା । ସତ୍ୟ କଲେ ସିନା ଫେଡ଼ି କହିବା
ଗୋପୀ ବୋଇଲେ ହେ ସେ କଥା ଛଡ଼ । ସତ୍ୟ କଲୁ ବାବୁ ବେଦନା ଫେଡ଼
ଶ୍ରୀକୃଷ୍ଣ ବୋଇଲେ ଶୁଣ ତରୁଣୀ । ହର ନେଉଅଛୁ ଯମୁନା ପାଣି ॥
ଗୋପୀ ବୋଇଲେ ନେଉ କିନା ବାବୁ । କେତେବେଳେ ଅମ୍ଭେ ମଥୁରା ଯିବୁ
ଅମ୍ଭେ ବୁଝିଲେ ତୋ ମନ୍ତ୍ର ବାନା । ନାମ ଦେଇଯିବୁ ଛଇଳକାହ୍ନା ॥
ଶ୍ରୀକୃଷ୍ଣ ବୋଇଲେ ଅରତ ନୁହ । ପଛ ଅଡ଼କୁ ଗୋ ସମସ୍ତେ ଚାହଁ ॥
ବକ୍ଷ୍ମ ମାୟା ରଚିଥିଲେ କହ୍ନାଇ । ଅଜ୍ଞା ପ୍ରମାଣେ ଶୁଖିଗଲା ନଈ ॥
ମୀନ ମକର ଯାଉଛନ୍ତି ଗୁଳି । ଝଲମଲ ହୋଇ ଦିଶୁଛି ବାଲି ॥
ନିର୍ମଳ ହୋଇଲା ଦିଶିଲା କୂଳ । ଅଣ୍ଟୁକ ଭିତରେ ରହିଲା ଜଳ ॥
ଏମନ୍ତ ସମୟେ ଦେବାଧିରାୟେ । ନବୀନ ସୁନ୍ଦର ବୟସ ହୁଏ ॥
ତ୍ରିଭଙ୍ଗୀ ଠାଣି ପ୍ରକାଶି ରହିଲେ । ନୂଆ ମଦନ କି କାହ୍ନୁ ଅଇଲେ ॥
ହରଷେ ବୋଲନ୍ତି କମଳମୁଖ । ନଦୀ ଶୁଖିଗଲା ସମସ୍ତେ ଦେଖ ॥
ଶୁଣି ଅନାଇଲେ ଗୋପ ଯୁବତୀ । ଦେଖିଲେ ଶ୍ରୀକୃଷ୍ଣ ଦିବ୍ୟ ମୂରତି ॥
ଦଧି ପସରା ସେ ଛାଡ଼ି ସକଳ । ମଦନ ଅରତେ ହୋଇଲେ ଭୋଳ ॥

Digitized by srujan ka@gmail.com

ଦେଖୁଚଲ ଶୁଖୁଛି ଯମୁନା ନଈ । ଭୁଲି ହୋଇଛ ଜଗତ ଗୋସାଇଁ ॥
ଗୋପୀଏ ବୋଇଲେ ମହିମାମେରୁ । ମାଗିଲା କଥାକୁ ହେଲା ନ କରୁ ॥
କମ୍ପୁଅଛୁ ଅନଙ୍ଗ ବାଣଶର । ତ୍ୱଜେ ଉଡ଼ ଲଜ୍ଜା ନ ଧରୁ ଆସ ॥
ହୃଦଯ ଫାଟୁଛି କହୁ ନ ବୁଝି । ଆମ୍ଭମାନଙ୍କ ରକ୍ଷାକର ଆଜ ॥
ନୋହିଲେ ଜୀବନ ଗଲା ଗୋସାଇଁ । ଏତେ ବୋଲିବାରୁ କହିଲେ ନାହିଁ
ଶ୍ରୀକୃଷ୍ଣ ବୋଇଲେ ଶୁଣ ତରୁଣୀ । କେଉଁ କଥା ଆମ୍ଭେ ମାଗିଲୁ ପୁଣି ॥
ଯେତ ନ କହୁଚ ଜାଣିଲ ତୁମ୍ଭେ । ତହିଁକି ଚକିତ ହୋଇଲୁ ଆମ୍ଭେ ॥
ଗୋପୀ ବୋଇଲେ ତୁ ଗଣିଅଗୁରୁ । କ୍ଷଣକ ଉତ୍ତରେ କପ ନ କରୁ ॥
ତୋର ମନକଥା ଅମ୍ଭଙ୍କୁ ଜଣା । ଆମ୍ଭ ମନ ନନ୍ଦ ତୋତେ ଅଜଣା ॥
ନାହିଁତ ଅଭେଦ କମଳଚକ୍ଷୁ । କାହା ମନ ଅବା କଏ ଜାଣିବୁ ॥
ଶୁଣି ଦୟାନିଧି ସ୍ନେହରେ ଭାଷି । ଅରୁଣ ଅଧରେ ହାସ ପ୍ରକାଶି ॥
କ୍ଷଣକ ଉତରେ ଦେବାଧିରାୟେ । ଯେତେ ଗୋପୀ ତେତେରୂପେ ଉଦୟେ
ବିବିଧ ରଙ୍ଗେ ବିହାର କରନ୍ତି । ସବୁ ଗୋପୀଙ୍କର ମନ ତୃପତି ॥
ବିହାର ସାରଣ ନନ୍ଦର ସୁତ । ବୋଇଲେ ଯାଅ ଯା ମଥୁରା ହାଟ ॥
ଶୁଖିଲା ନଦୀରେ ଯାଅ ଯା ଚାଲି । ଅମ୍ଭେ ଯାଉଥିବୁ ଘାଟକୁ ବୋଲି ॥
ଗୋପୀଏ ବୋଇଲେ ଶୁଣ ସଙ୍ଗାତ । ଏମନ୍ତ ମହିମା ଯଶୋଦାସୁତ ॥
ହରି ବଦନେ ସ୍ତୁତି କରିଲ ଯାକୁ । ଗରୁଡ଼ ପୁଅ କେ ବୋଲିବ ତାକୁ ॥
ଏଡ଼େ ବାଳକାଳୁ ଏଡ଼େ ହଟିଆ । ସବୁ କଥା ତାର ହନ କାଟିଆ ॥
ଭକତ ବାନ୍ଧବ ଜଗଜ୍ଜୀବନ । ଦୀନକୃଷ୍ଣ ଦାସ ପାଦେ ଶରଣ ॥

ସ ମା ପ୍ତ

କଟକ ଦତ୍ତପ୍ରେସରେ ଶ୍ରୀ ହରମୋହନ ଦତ୍ତଙ୍କ ଦ୍ୱାରା
ମେସିନ୍‌ଯନ୍ତ୍ରେ ମୁଦ୍ରିତ । ୧୯୩୬

Digitized by srujan ka@gmail.com

ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ କଟକ ଦାଶରଥି ପୁସ୍ତକାଳୟରେ
ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ଅଙ୍ଗଦପଦ	ଟ ୦ ୵	ନବଗ୍ରହସ୍ତୋତ୍ର(ସଟୀକ)	ଟ ୦ /୬
ଅମରକୋଷ (ବନ୍ଧାଇ)	ଟ ୧୧	ନବଗ୍ରହପୂଜାପଦ୍ଧତି(ସଟୀକ)	ଟ ୦ ୵
ଅଶ୍ୱମେଧ ଯଜ୍ଞ	ଟ ୦ ୵	ନାମରତ୍ନଗୀତା ୧ମ	ଟ ୦ ।୵
କାର୍ତ୍ତିକ ମାହାତ୍ମ୍ୟ	ଟ ୦ ୪	,, ୨ୟ	ଟ ୦ ।
ଗୀତଗୋବିନ୍ଦ (ସଟୀକ)	ଟ ୦ ।/	,, ୩ୟ	ଟ ୦ ।
ସଟୀକ ବ୍ରହ୍ମନିରୂପଣ ଗୀତା	ଟ ୦ ୴	,, ୪ର୍ଥ	ଟ ।/
,, ଗୁପ୍ତ ଚିନ୍ତାମଣି	ଟ ୦ ୴	,, ବୃହତ୍	ଟ ୧୧
ଜ୍ଞାନସାଗର	ଟ ୦ ।	ନାମସଙ୍କୀର୍ତ୍ତନ	ଟ ୦ ୵
ଗୁପ୍ତଗୀତା	ଟ ୦ ୵	ପଞ୍ଚଦେବତା ବନ୍ଦନା	ଟ ୦ /୩
ଚନ୍ଦ୍ରାବତୀହରଣ (ଟୀକାସ୍ତ)	ଟ ୦ /୬	ପଣିକଥାମାଳିକା	ଟ ୦ /୬
ଦୁର୍ଗାସ୍ତୋତ୍ର	ଟ ୦ ୵	ବ୍ରହ୍ମାଣ୍ଡ ଭୂଗୋଳ	ଟ ୦ ୵୬
ଛାନ୍ଦ ଗୁପ୍ତଗୀତା	ଟ ୦ ।୵	ବଂଶ ବିଜ୍ଞାପନ	ଟ ୦ ୪
ଜଗବନ୍ଧୁ ଚଉତିଶା	ଟ ୦ /	ବୈତାଳ ପଞ୍ଚବିଂଶତି	ଟ ୦ ।୵
ଜନ୍ମାଷ୍ଟମୀ ବ୍ରତ	ଟ ୦ ୵	ଭୂତଖେଳ	ଟ ୦ ୵
ଜାତକାଳଙ୍କାର	ଟ ୦ ।୵	ବିଲଙ୍କା ରାମାୟଣ	ଟ ୦ ୪/
ଟୀକାଭାଗବତ ଓ କର୍ମଚର୍ମ	ଟ ୦ /	ଭଜନସର୍ବସାର	ଟ ୦ ୵
ଡଗମାଳିକା	ଟ ୦ /	ମଥୁରାମଙ୍ଗଳ	ଟ ୦ ।/
ତଥ୍ୟପୋଥି ଓ ଖଡ଼ିଗୁଣ୍ଡୁଣୀ	ଟ ୦ /୩	ମାର୍କଣ୍ଡେୟ ପୁରାଣ	ଟ ୧୧
ତୁଳାଭିଣା	ଟ ୦ ୵	ହନୁମାନପ୍ରଶ୍ନ	ଟ ୦ ୵୬
ଦାରୁବ୍ରହ୍ମଗୀତା	ଟ ୦ ୵	ଶ୍ରୀରାମଲୀଳା (୪ଅନଙ୍ଗ)	ଟ ୧ ୪
ହଂସଗୀତା ବା ଯମପୁରାଣ	ଟ ୦ ।	ଶ୍ରୀରାମଲୀଳା (୮ବିକ୍ରମ)	ଟ ୧ ୪
ଦେଉଳତୋଳା	ଟ ୦ ୵	ବୃହତ୍ ସପ୍ତକାଣ୍ଡ ରାମାୟଣ	ଟ ୩୪

ଦାଶରଥି ପୁସ୍ତକାଳୟ | **ଶ୍ରୀ ଦାଶରଥି ଦାସ**
ବାଲୁବଜାର—କଟକ | ପ୍ରୋପ୍ରାଇଟର

Digitized by srujan ka@gmail.com